# କଟକ ମହାନଗର ନିଗମ ସ୍ୱତନ୍ତ୍ର ସାଧାରଣ ବୈଠକ ବିବରଣୀ

**ତା. ୦୭.୦୩.୨୦୧୫ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୦୭.୦୩.୨୦୧୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ଏକ ସ୍ୱତନ୍ତ୍ର ସାଧାରଣ ବୈଠକ, ନିଗମର ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ଉପସ୍ଥାପନା କରାଯାଇଥିବା ଚିଠା ବଜେଟ ସମ୍ପର୍କରେ ଆଲୋଚନା ନିମନ୍ତେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ୱ କରିଥିଲେ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୩. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୪. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୫. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୬. | ସୁଶ୍ରୀ ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୭. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୮. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୯. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୦. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୧. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୨. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୩. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୪. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୫. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୬. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୧୭. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୧୮. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୧୯. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୦. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୧. | ଶ୍ରୀଯୁକ୍ତା କାଂଚନ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୨. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୩. | ଶ୍ରୀଯୁକ୍ତା ବୈଶାଳୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୪. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୨୫. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |

| | | |
|---|---|---|
| ୨୬. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୨୭. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୨୮. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୨୯. | ଶ୍ରୀଯୁକ୍ତା ନମିତା  ମଞ୍ଜରୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୦. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୧. | ଶ୍ରୀଯକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୬ |
| ୩୨. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୩. | ଶ୍ରୀଯୁକ୍ତା ସୁଲୋଚନା ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୪. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୫. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୩୬. | ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୩୭. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୩୮. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୩୯. | ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୫ |
| ୪୦. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୧. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୨. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୩. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୪. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୫. | ଶ୍ରୀଯୁକ୍ତା ମମତା ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୬. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୪୭. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩ |
| ୪୮. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୪୯. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୦. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୧. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୨. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ | କମିଶନର |
| ୨. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଡେ଼ପୁଟି କମିଶନର |
| ୩. | ଶ୍ରୀମତୀ ନିରୁପମା ସାଇଁ | ଡେ଼ପୁଟି କମିଶନର-୨ |
| ୪. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୫. | ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୬. | ଶ୍ରୀଯୁକ୍ତ ବିଜୟ କୁମାର ଦାଶ | ରିକଭରୀ ଅଫିସର |
| ୭. | ଶ୍ରୀଯୁକ୍ତ ନର୍ମଳ ଚନ୍ଦ୍ର ନାୟକ | ଉପ ସଚିବ |
| ୮. | ଶ୍ରୀମତୀ ପୁଷ୍ପାରାଣି ଟପ୍ପୋ | ମୁଖ୍ୟ ସମିକ୍ଷକ |
| ୯. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୦. | ଶ୍ରୀଯୁକ୍ତ ସରୋଜ କୁମାର ବାରିକ | ପରିସଂଖ୍ୟାନ ସହାୟକ |

ଏହି ବୈଠକରେ ମାନ୍ୟବର ଚୌଦ୍ୱାର କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର, ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି , ଏବଂ ନିଗମର ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ଗତ ତା ୨୭.୦୨.୨୦୧୫ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନରେ ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ଉପସ୍ଥାପନା କରାଯାଇଥିବା ଚିଠା ବଜେଟ ଉପରେ ଆଲୋଚନା କରାଯାଇ ଅନୁମୋଦନ କରାଯିବା ନିମନ୍ତେ ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ନିଗମର ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ କ୍ରମେ ନିଗମର ରାସ୍ତା ଘାଟର ଉନ୍ନତି, ସ୍ୱାସ୍ଥ୍ୟ ଓ ପରିମଳର ବ୍ୟବସ୍ଥା, କର୍ମଚାରୀ ମାନଙ୍କ ସମସ୍ୟା ଏବଂ ନିଗମର ନିଜସ୍ୱ ଆୟ ବୃଦ୍ଧି ଉଦ୍ଦେଶ୍ୟରେ, ଟ୍ୟାକ୍ସେସନଓ ଏବଂ ଆକାଉଣ୍ଟସ ଷ୍ଟାଣ୍ଡିଙ୍ଗ କମିଟିର ଅନୁମୋଦନ କ୍ରାମେ ଏହି ବଜେଟ ପ୍ରସ୍ତୁତ କରାଯାଇଅଛି । ଦଳମତ ନିର୍ବିଶେଷରେ କଟକ ସହରର ସର୍ବାଙ୍ଗୀନ ଉନ୍ନତି ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ନିଗମର ୨୦୧୫-୧୬ ଆର୍ଥିକ ବର୍ଷର ବଜେଟକୁ କାଉନସିଲ ଦ୍ୱାରା ପାରିତ କରାଯିବାକୁ ଅନୁରୋଧ କରିଥିଲେ । ନିୟମ ଅନୁଯାୟୀ କାଉନସିଲ ଦ୍ୱାରା ଅନୁମୋଦିତ ଏହି ବଜେଟକୁ ଚଳିତ ମାସ ୧୫ ତାରିଖ ମଧରେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବା ନିମନ୍ତେ ସ୍ଥିର କରାଯାଇଥିବା, ସେ ମଧ ସୂଚନା ଦେଇଥିଲେ ।

ମାନ୍ୟବର ଡ଼େପୁଟି ମେୟର ତଥା ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଶ୍ରୀଯୁକ୍ତ ଅଜୟ କୁମାର ବାରିକ, କାଉନସିଲର ଏହି ବଜେଟ ଅଧିବେଶନକୁ ସମସ୍ତଙ୍କୁ ସ୍ୱାଗତ କରି, ଚଳିତ କାଉନସିଲର ଏହା ପ୍ରଥମ ବଜେଟ ହୋଇଥିବାରୁ, କଟକ ମହାନଗର ନିଗମ ଅଂଚଳର ସର୍ବାଙ୍ଗୀନ ବିକାଶ ଦିଗରେ ପ୍ରସ୍ତୁତ ବଜେଟ ମାଧମରେ ସମସ୍ତ ପ୍ରୟାସ କରାଯାଇଥିବା ପ୍ରକାଶ କରିଥିଲେ । ନିଗମର ବିଭିନ୍ନ ସୁତ୍ରରୁ ଆୟ ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ ସହ ନୂତନ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ମାନ ଆରମ୍ଭ କରାଯିବା ନିମନ୍ତେ ଆର୍ଥିକ ବ୍ୟବସ୍ଥା କରାଯାଇଥିବା ସେ ପ୍ରକାଶ କରିଥିଲେ । ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା ମୂଲ୍ୟବାନ ମତାମତ ପ୍ରଦାନ କରାଯାଇ ଏହି ବଜେଟକୁ ପାରିତ କରାଯିବା ନିମନ୍ତେ ସେ ଅନୁରୋଧ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବଜେଟ ନିମନ୍ତେ ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟିର ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ବଜେଟ ମଧରେ ବିଗତ ୨ ବର୍ଷର ଆୟ ବ୍ୟୟରେ ଅନେକ ତୃଟୀ ପରିଲକ୍ଷିତ ହୋଇଥିବାର ଅଭିଯୋଗ କରି, ଏକ ଶୃଙ୍ଖଳିତ ଢଙ୍ଗରେ ସମସ୍ତ ତୃଟୀକୁ ସଂଶୋଧନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ଏ ଦିଗରେ ସ୍ୱଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ ଉପସ୍ଥାପନା କରାଯାଇଥିବା ବଜେଟ ମଧରେ ଚଳିତ ଆର୍ଥିକ ବର୍ଷର କେବଳ ୯ ମାସର ଫିଗର ଦର୍ଶାଯାଇଅଛି । ସେ ମଧ ବଜେଟ ମଧରେ ଥିବା ମୁଦ୍ରଣ ଜନିତ ତୃଟୀ ଗୁଡ଼ିକ ସଂଶୋଧନ କରାଯିବକୁ ନିର୍ଦ୍ଦେଶ ଦେଇଥିଲେ ।

କଟକ ସହରର ସମସ୍ତ ବିକାଶ ମୂଳକ କାର୍ଯ୍ୟ ଆସନ୍ତା ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବଜେଟ ଉପରେ ନିର୍ଭର କରୁଥିବା ସଦସ୍ୟ ଶ୍ରୀ ଜୟଦେବ ଜେନା ପ୍ରକାଶ କରିଥିଲେ । ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ କ୍ରମେ ଏହି ବଜେଟକୁ ପ୍ରସ୍ତୁତ କରାଯାଇଥିବା ସେ ସୂଚନା ଦେଇଥିଲେ । ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ସମସ୍ତ ପ୍ରୟାସ ଜାରୀ ରଖିବାକୁ ସେ ମଧ ନିବେଦନ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ଉପସ୍ଥାପନ କରାଯାଇଥିବା ନିଗମ ବଜେଟକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏହା ଏକ ବାସ୍ତବବାଦୀ ଏବଂ ସମସ୍ତ ମୌଳିକ ସମସ୍ୟା ଗୁଡ଼ିକ ପ୍ରତି ଧାନ ଦିଆଯାଇଥିବା ପ୍ରକାଶ କରିଥିଲେ । ଏକ ସ୍ୱଚ୍ଛ ଓ ମୁକ୍ତ ସହରର ଗଠନ ନିମନ୍ତେ ପରିମଳ ଓ ପରିବେଶ ପ୍ରତି ସ୍ୱତନ୍ତ୍ର ଧାନ ଦିଆଯାଇଥିବା ସେ ମଧ ପ୍ରକାଶ କରିଥିଲେ । ନିଗମର ଆୟ ବୃଦ୍ଧି ନିମନ୍ତେ ବିଭିନ୍ନ ସ୍ଥାନରେ ନୂତନ କଲ୍ୟାଣ ମଣ୍ଡପ ତଥା ଭେଣ୍ଡିଙ୍ଗ ଯୋନ ଓ ମାର୍କେଟ କମ୍ପଲେକ୍ସ ନିର୍ମାଣ ନିମନ୍ତେ ପ୍ରସ୍ତାବ ଗୁଡ଼ିକ ସ୍ଥାନ ଦିଆଯାଇଥିବା ସେ ମଧ ପ୍ରକାଶ କରିଥିଲେ । ନିଗମର ବିଭିନ୍ନ ସ୍ଥାନରେ ୪ଟି Citizen Utility Centre ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇ ନିଗମର ବିଭିନ୍ନ ସେବା ନିମନ୍ତେ Users Fee ଆଦାୟ, କଲ୍ୟାଣ ମଣ୍ଡପର ଭଡ଼ା ବୃଦ୍ଧି, ଗୃହ

ଟିକସ ପ୍ରଦାନ କରୁନଥିବା ଲୋକମାନଙ୍କ ଉପରେ 10 % Fine ଲାଗୁ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ । ଉପସ୍ଥାପନା କରାଯାଇଥିବା ବଜେଟରେ ଆବଶ୍ୟକୀୟ ସଂଶୋଧନ ସହ ପାରିତ କରାଯିବା ନିମନ୍ତେ ସେ ସମସ୍ତଙ୍କୁ ନିବେଦନ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ଗିରିବାଳା ବେହେରା ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ବଜେଟ ମଧରେ ଆୟ ଏବଂ ବ୍ୟୟ ମଧରେ ସମାନତା ରକ୍ଷା କରାଯିବା ଆବଶ୍ୟକ । ଚଳିତ ବର୍ଷର ୯ ମାସ ମଧରେ କେବଳ ୩୬ ପ୍ରତିଶତ ଆୟ ହୋଇଥିବା ଦୃଷ୍ଟିରୁ, ସମ୍ପୂର୍ଣ୍ଣ ବ୍ୟୟ ଭାରକୁ କିଭଳି ଭାବେ ଭରଣା କରାଯିବ, ସେ ସମ୍ପର୍କରେ ତର୍ଜମା କରାଯିବାକୁ ପରାମର୍ଶ ଦେଇଥିଲେ । ସେ ମଧ ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ସମସ୍ତ ଉଦ୍ୟମ ଅବ୍ୟାହତ ରଖିବାକୁ ପ୍ରସ୍ତାବ ଦେଇଥିଲେ । ଲୋକମାନଙ୍କର ବୈଳିକ ସମସ୍ୟାପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇ, ବିଭିନ୍ନ କ୍ଷେତ୍ରରେ ବ୍ୟୟ ବରାଦ ଅନୁଯାୟୀ ଅତ୍ୟାବଶ୍ୟକ ଖର୍ଚ୍ଚକୁ ବହନ କରାଯିବାକୁ ମଧ ପରାମର୍ଶ ଦେଇଥିଲେ । ମଶା ପାର୍ଦୁଭାବର ହ୍ରାସ ନିମନ୍ତେ ପଦକ୍ଷେପ ସହ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ବାର୍ଷିକ ଆୟ ଓ ବ୍ୟୟ ସମ୍ପର୍କରେ ଆଲୋଚନା ନିମନ୍ତେ ବର୍ଷକୁ ଅତ୍ୟନ୍ତ ପକ୍ଷେ ଦୁଇଥର ସ୍ୱତନ୍ତ୍ର ଅଧିବେଶନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସିଡ଼ିଏ ଅଂଚଳରେ ଏକ ନୂତନ ମେଡ଼ିକାଲ ବ୍ୟବସ୍ଥା, ପ୍ରତ୍ୟେକ ଦିନ ଅଳିଆ ଆବର୍ଜନା ପରିବହନ ନିମନ୍ତେ ବ୍ୟବସ୍ଥା, ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । କଟକ ସହରର ସାମୁହିକ ବିକାଶ ନିମନ୍ତେ ଆଗତ କରାଯାଇଥିବା ବଜେଟର ବ୍ୟବସ୍ଥା ଅନୁଯାୟୀ ପ୍ରକୃତ କାର୍ଯ୍ୟକାରୀ କରାଯିବାକୁ ମତ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ କୁମାର ସାହୁ ବୈଠକରେ ଉପସ୍ଥାପନ କରାଯାଇଥିବା ବଜେଟକୁ ସ୍ୱାଗତ କରି ନିଗମର ଆୟବୃଦ୍ଧି ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିଥିଲେ । ଗୃହ ଟିକସର ସଠିକ ପୁନଃ ଆକଳନ ସହ ବିଭିନ୍ନ ଯୋଜନା ମାଧମରେ ସରକାରୀ ଅନୁଦାନ ପ୍ରାପ୍ତ କରାଯିବାକୁ ଉପଯୁକ୍ତ ପ୍ରସ୍ତାବ ପଠାଯିବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ୱାର୍ଡ଼ର ମୌଳିକ ସମସ୍ୟା ଗୁଡ଼ିକ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇ, ଅଗ୍ରାଧିକାର ଭିତିରେ କାର୍ଯ୍ୟ ଗୁଡ଼ିକ ସମ୍ପାଦନ ନିମନ୍ତେ ସେ ମଧ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ସ୍ଥାନରେ ରହିଥିବା ଭୂସମ୍ପତିର ସୁବିନିଯୋଗ କରାଯାଇ ଆୟର ପନ୍ଥା ବୃଦ୍ଧି କରାଯିବାକୁ ସେ ମତ ଦେଇଥିଲେ । ଉପସ୍ଥାପନା କରାଯାଇଥିବା ବଜେଟକୁ ସ୍ୱାଗତ କରି ଏହାକୁ ପାରିତ କରାଯିବା ନିମନ୍ତେ ସମସ୍ତଙ୍କୁ ନିବେଦନ କରିଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ ବଜେଟକୁ ସ୍ୱାଗତ କରିଥିଲେ । ବିଶେଷ କରି ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ନିମନ୍ତେ ୩୨ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଦୃଷ୍ଟିରୁ ଏଥିପାଇଁ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରାଯିବା ନିମନ୍ତେ ମତ ଦେଇଥିଲେ । ବିଭିନ୍ନ ୱାର୍ଡ଼ ମାନଙ୍କରେ ସଫାଇ କାର୍ଯ୍ୟରେ ଘରୋଇ ସଂସ୍ଥାଙ୍କ ଦ୍ୱାରା ନିୟୋଜିତ କର୍ମଚାରୀ ମାନଙ୍କ ସଂଖ୍ୟା ବୃଦ୍ଧି, କର୍ପୋରେଟର ମାନଙ୍କ ନିମନ୍ତେ Lad Fund ର ବ୍ୟବସ୍ଥା, ନିଗମ ଅଂଚଳରେ ଏକ Cultural Museum ର ନିର୍ମାଣ, ବୈଦ୍ୟୁତିକ କାର୍ଯ୍ୟ ନିମନ୍ତେ Auto Ladders ର ବ୍ୟବସ୍ଥା, ନିଗମ ଅଂଚଳର ଖେଳ ପଡ଼ିଆ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ଗୁଡ଼ିକ ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ସୁତ୍ରରୁ ଆୟର ପରିମାଣ ଚଳିତ ଆର୍ଥିକ ବର୍ଷର ୯ ମାସ ମଧରେ ଆଶାନୁରୂପ ହୋଇପାରିନଥିବା ଦର୍ଶାଇ, ଏ ଦିଗରେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ବିଭିନ୍ନ ୱାର୍ଡ଼ ମଧରେ Utility Office ଯୋଜନାକୁ କାର୍ଯ୍ୟକାରୀ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ଅନିତା ନାୟକ ଆଲୋଚନାରେ ଅଂଶ ଗ୍ରହଣ କରି ଭଗତ ହଷ୍ଟେଲର ପୁର୍ନରୁଦ୍ଧାର କାର୍ଯ୍ୟ ତଥା ତିନିକୋଣିଆ ବଗିଚା ମଧରେ ଏକ ଭେଣ୍ଡିଂଯୋନ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଗୌରୀଶଙ୍କର ପାର୍କର ପୁର୍ନରୁଦ୍ଧାର ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଆଗତ କରାଯାଇଥିବା ବଜେଟକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏହାକୁ ଅନୁମୋଦନ କରାଯିବା ନିମନ୍ତେ ମତ ବ୍ୟକ୍ତ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ପ୍ରଜ୍ଞା ବେଉରା ଆଗତ କରାଯାଇଥିବା Surplus Budget କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ, ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ରଖାଯାଇଥିବା ପ୍ରସ୍ତାବ ଗୁଡ଼ିକ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିଥିଲେ । ସେ ମଧ କାଳିଆବୋଦାର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ମଧରେ ଅର୍ନ୍ତଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ଆଗତ ବଜେଟକୁ ସ୍ୱାଗତ କରି ଅର୍ନ୍ତଭୁକ୍ତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକର ବାସ୍ତାବ କାଯ୍ୟକାରୀ କରାଯିବାକୁ ମତ ଦେଇଥିଲେ । ସେ ମଧ କର୍ପୋରେଟର ମାନଙ୍କ ନିମନ୍ତେ Lad Fund ର ବ୍ୟବସ୍ଥା ଏବଂ ଜଳାଶୟ ଗୁଡ଼ିକର ପୁର୍ନରୁଦ୍ଧାର ନିମନ୍ତେ ପ୍ରାପ୍ତ ପାଣ୍ଠିର ବିନିଯୋଗ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମତ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର ଦଳମତ ନିର୍ବିଶେଷରେ ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ଆଗତ ବଜେଟକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଦର୍ଶାଯାଇଥିବା ତୃଟୀ ଗୁଡ଼ିକ ସଂଶୋଧନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ବାର୍ଷିକ ଅନୁଦାନ ବୃଦ୍ଧି ନିମନ୍ତେ ସମସ୍ତ ପ୍ରଅୟାସ ଜାରୀ ରଖିବା ସଙ୍ଗେ ସଙ୍ଗେ, ନିଜସ୍ୱ ଆୟ ବୃଦ୍ଧ ନିମନ୍ତେ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀ ମାନେ ଉଦ୍ୟମ ଅବ୍ୟାହତ ରଖିବାକୁ ମତ ଦେଇଥିଲେ । ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ନିର୍ଦ୍ଧିଷ୍ଟ ଭାବେ ପାଣ୍ଠିର ବ୍ରବସ୍ଥା କରାଯିବାକୁ ମତ ଦେଇଥିଲେ ଏବଂ ବିଭିନ୍ନ ସୁତ୍ରରୁ ନିଗମର ଆୟକୁ ଦୃଷ୍ଟିରେ ରଖଯାଇ ବ୍ୟୟ ବରାଦ କରାଯିବାକୁ ପରାମର୍ଶ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ, ବିଭିନ୍ନ କର୍ପୋରେଟର ମାନଙ୍କ ପ୍ରସ୍ତାବ ଅନୁଯାୟୀ ବ୍ୟୟ ବରାଦ ଏବଂ ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ବହୁ ପୁରାତନ ଢାଂଚାରେ ରାଜସ୍ୱ ଆଦାୟରେ ପରିବର୍ତନ ଅଣାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ନିଗମର ବକେୟା ରହିଥିବା ଦୋକାନଘର ଭଡ଼ା, ଏବଂ ହୋଡ଼ିଙ୍ଗ ଲାଇସେନ୍ସ ଫିର ଆଦାୟ ନିମନ୍ତେ ଯଥାଶିଘ୍ର କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଯଥାଶିଘ୍ର ନୂତନ ସ୍ଲଜ ପମ୍ପ ଗୁଡ଼ିକ ସଂଗ୍ରହଣ ନିମନ୍ତେ ପଦକ୍ଷେପ, ବିଭିନ୍ନ କଲ୍ୟାଣ ମଣ୍ଡପ, ନର୍ସିଂହୋମ ଇତ୍ୟାଦି ମାନଙ୍କ ଠାରୁ User Fees ଆଦାୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ କର୍ପୋରେଟର ମାନଙ୍କ ନିମନ୍ତେ Lad Fund ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ଯୋଜନାରେ ପ୍ରାପ୍ତ ହେଉଥିବା ପାଣ୍ଠିର ସୁବିନିଯୋଗ ନିମନ୍ତେ ଉପଯୁକ୍ତ ପ୍ରକଳ୍ପ କାର୍ଯ୍ୟ ମଞ୍ଜୁର କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ । ଆସନ୍ତା ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ପାର୍କ ଆଣ୍ଡ ପ୍ଲାଣ୍ଟେସନ କାର୍ଯ୍ୟ ଗୁଡ଼ିକ ଗୁରୁତ୍ୱ ପ୍ରଦାନ କରାଯାଇ ଅଗ୍ରାଧିକାର ଭିତିରେ କାର୍ଯ୍ୟକାରୀ କରାଯିବାକୁ ମତ ପୋଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, ଅତ୍ୟନ୍ତ ସକାରତ୍ମକ ଢଙ୍ଗରେ ପ୍ରସ୍ତୁତ କରାଯାଇଥିବା ନିଗମର ୨୦୧୫-୧୬ ଆର୍ଥିକ ବର୍ଷର ବଜେଟକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ, ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରତ୍ୟେକ କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରାଯାଇଥିବା ପ୍ରକାଶ କରିଥିଲେ । ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ପ୍ରୟାସ କରାଯିବା ସହ ଦଳମତ ନିର୍ବିଶେଷରେ ଏ ଦିଗମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ନିଗମ ଅଧିନରେ ରହିଥିବା ସିଡ଼ିଏ ଅଂଚଳ, ଜଗତପୁର ଏବଂ ସଦର ଅଂଚଳ ଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ପାର୍ଠିର ବ୍ୟବସ୍ଥା କରାଯାଇ ଡ୍ରେନେଜ ଏବଂ ରାସ୍ତାଘାଟ ନିର୍ମାଣର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବଜେଟ ମଧରେ ଦର୍ଶାଯାଇଥିବା ତୃଟୀ ଗୁଡ଼ିକ ସଂଶୋଧନ କରାଯାଇ ପାରିତ କରାଯିବାକୁ ମଧ ଅନୁରୋଧ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ, ଆଗତ ବଜେଟକୁ ସ୍ୱାଗତ କରି, ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ନିଗମ ଅଂଚଳରେ ରହିଥିବା ପ୍ରତ୍ୟେକ ବାସଗୃହ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକର ଗୃହ ଟିକସର ପୁନଃ ଆକଳନ କରାଯିବାକୁ ମତ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ ଆଗତ ବଜେଟକୁ ସ୍ୱାଗତ କରି, ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ମଧରେ ମାଛୁଆ ବଜାରରେ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟକୁ ଅର୍ନ୍ତଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ସଦସ୍ୟା ଶ୍ରୀମତୀ ଏ. ଶ୍ରୀଦେବୀ ବଜେଟ ମଧ୍ୟରେ ସମସ୍ତ କ୍ଷେତ୍ର ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିବାରୁ, ଏହାକୁ ସ୍ୱାଗତ କରିଥିଲେ । ବଜେଟର ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ମଧ୍ୟରେ ଅର୍ନ୍ତଭୂକ୍ତ କରାଯାଇଥିବା ଉର୍ଦ୍ଦୁ ଲାଇବ୍ରେରୀର ପୁର୍ନରୁଦ୍ଧାର କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ କରାଯିବାକୁ ମତ ଦେଇଥିଲେ । ସେ ମଧ୍ୟ BPL ପରିବାରର ସଦସ୍ୟ / ସଦସ୍ୟା ମାନଙ୍କ ନିମନ୍ତେ ବିଭିନ୍ନ ଯୋଜନାରେ ଉପଯୁକ୍ତ ତାଲିମ ବ୍ୟବସ୍ଥା, ନିଗମ ଅଂଚଳରେ ଖେଳ ପଡ଼ିଆ ଗୁଡ଼ିକର ରକ୍ଷଣାବେକ୍ଷଣର ବ୍ୟବସ୍ଥା, ତିନିକୋଣିଆ ବଗିଚାରେ ଏକ ଭେଣ୍ଡିଙ୍ଗ ଜୋନ ନିର୍ମାଣର ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ ।

ସଦସ୍ୟ ସୁଶ୍ରୀ ଚାରୁଲତା ସାହୁ ଆଗତ ବଜେଟକୁ ସ୍ୱାଗତ କରିଥିଲେ  ମଧ୍ୟ ବିଭିନ୍ନ ସମୟରେ ବଜେଟ ଆକଳନ ଠାରୁ ଅଧିକ ଖର୍ଚ୍ଚ କରାଯାଉଥିବାରୁ, ଯଥାଶିଘ୍ର ଏହାକୁ ରୋକାଯିବାକୁ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ସୁତ୍ରରୁ ଆୟ କୌଣସି ବର୍ଷ ୨୦୦ କୋଟି ଟପି ନଥିବା ସ୍ଥଳେ, କିମଳି ଭାବେ ଆସନ୍ତା ବର୍ଷ ୩୩୯ କୋଟି ଆୟର ପରିକଳ୍ପନା କରାଯାଇଛି, ସେ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ସେ ମଧ୍ୟ ଦୀର୍ଘବର୍ଷର ବ୍ୟବଧାନ ପରେ ନିଗମ ଅଂଚଳର ଗୃହ ଟିକସ ନିମନ୍ତେ General Assessment କରାଯିବାକୁ ରାଜ୍ୟ ସରକାରଙ୍କ ସହ ପତ୍ରାଳାପ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବକେୟା ରହିଥିବା ବିଭିନ୍ନ ବାଇ-ଲ ଗୁଡ଼ିକ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

ଚୌଦ୍ୱାର –କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ଚୌଧୁରୀ ସୁବ୍ରତ ଘଡ଼ାଇ ବୈଠକରେ ଆଗତ କରାଯାଇଥିବା ବଜେଟକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ, ଏହା ମଧ୍ୟରେ ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ବ୍ୟବସ୍ଥା କରାଯାଇଥିବା ଦୃଷ୍ଟିରୁ ଏହାକୁ ପାରିତ କରାଯିବାକୁ ଅନୁରୋଧ କରିଥିଲେ । ନୂତନ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ମଧ୍ୟରେ ଖାନନଗର ଏବଂ କାଳିଆବୋଦା ଶ୍ମସାନର ପୁର୍ନରୁଦ୍ଧାର କାର୍ଯ୍ୟକୁ ଅର୍ନ୍ତଭୁକ୍ତ କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ସିଡ଼ିଏର Town Planning ବିଭାଗକୁ ନିଗମ ଅଧିନକୁ ଅଣାଯିବା ସଙ୍ଗେ ସଙ୍ଗେ ନିଗମ ଅଂଚଳର ବିଭିନ୍ନ Infrstrtrural Development କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ କର୍ପୋରେଟର ମାନଙ୍କ ନିମନ୍ତେ Lad Fund ର ବ୍ୟବସ୍ଥା କରାଯିବାକୁ ମତ ଦେଇଥିଲେ ।

ସଦସ୍ୟା  ଶ୍ରୀମତୀ ରାଜ କୁମାରୀ ସ୍ୱାଇଁ ଆଗତ ବଜେଟକୁ ସ୍ୱାଗତ କରି, ଗୃହ ଟିକସ ଆଦାୟ ନିମନ୍ତେ ଆସନ୍ତା ବର୍ଷ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ହୋଡ଼ିଙ୍ଗ ସଂସ୍ଥା ମାନଙ୍କର ବକେୟା ଦେୟ ଏବଂ ଦୋକାନଘର ଭଡ଼ା ବାବଦରେ ବକେୟା ଦେୟର ଆଦାୟ ନିମନ୍ତେ ନିଷ୍ପିଷ୍ଟ ଭାବେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ଗ୍ରହଣ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ବିଭିନ୍ନ ଅନୁଷ୍ଠାନ ମାନଙ୍କ ଠାରୁ ଧାର୍ଯ୍ୟ କରାଯାଇଥିବା Users Fee ଆଦାୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ ଦଳେଇ ଆଗତ କରାଯାଇଥିବା ବଜେଟକୁ ସ୍ୱାଗତ କର. ଏହି ବଜେଟର ଖର୍ଚ୍ଚ ଅଟକଳ ମଧ୍ୟରେ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିବା ୩ଟି ଶୌଚାଳୟ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟକୁ ଅର୍ନ୍ତଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର ଆଗତ ବଜେଟକୁ ଏକ ଲୋକାଭିମୁଖି ବଜେଟ ଭାବେ ବର୍ଣ୍ଣନାକରି, ନିଗମର ବିଭିନ୍ନ ସୁତ୍ରରୁ ଆୟକୁ ବୃଦ୍ଧି କରାଯାଇ ଆବଶ୍ୟକୀୟ ବ୍ୟୟ ବରାଦ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର କର୍ମଚାରୀ ମାନଙ୍କର ବକେୟା ଦେୟ ପ୍ରଦାନ ନିମନ୍ତେ ଆୟ ବୃଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଥିବାରୁ, ଏ ଦିଗରେ ସମସ୍ତ କର୍ମଚାରୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ପୂର୍ବରୁ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ଯଥାଶିଘ୍ର Health Insurance Scheme କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସମାଧିସ୍ଥଳର ଆବଶ୍ୟକୀୟ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପୂର୍ବରୁ ପଂଚାୟତ ଅଧିନରେ ରହିଥିବା ସମ୍ପତି ଗୁଡ଼ିକ ନିଗମ ଅଧିନକୁ ଅଣାଯାଇ, ନିଗମର ଆୟ ବୃଦ୍ଧି କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ର

ଗାନ୍ଧୀସ୍ମୃତିପୀଠର ଆବ୍ରାକୀୟ ଉନ୍ନୟନ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସହ ଉକ୍ତ ପରିସର ମଧରେ ରହିଥିବା ପାଠାଗାର ନିମନ୍ତେ କିଛି ନୂତନ ପୁସ୍ତକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନୂତନ ଭାବେ ନିଗମ ଅଂଚଳରେ ସାମିଲ କରାଯାଇଥିବା ଓ୍ୱାର୍ଡ଼ ଗୁଡ଼ିକର ଆବଶ୍ୟକତା ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରାଯିବାକୁ ମଧ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ସହରାଂଚର ଗରିବ ଜନସାଧରଣ ନିମନ୍ତେ ଆହାର ଯୋଜନା ରାଜ୍ୟର ୫ଟି ପ୍ରମୁଖ ସହରରେ କାର୍ଯ୍ୟକାରୀ ହେବାକୁ ସ୍ଥିର କରାଯାଇଥିବା କମିଶନର ପ୍ରକାଶ କରିଥିଲେ । କଟକ ମହାନଗର ନିଗମର ମାଲଗୋଦାମ, ବାଦାମବାଡ଼ି, ଶିଶୁଭବନ ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ପରିସର ମଧରେ ଆହାର କେନ୍ଦ୍ର ନିର୍ମାଣ କରାଯାଇ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ମଧ ପ୍ରକାଶ କରିଥିଲେ । ସେହିପରି ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ମଧରେ ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯାଇ ପ୍ରୋତ୍ସାହନ ପ୍ରଦାନର ବ୍ୟବସ୍ଥା କରାଯାଉଥିବାର ସୂଚନା ମଧ ଦେଇଥିଲେ । ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିଗମର ନିର୍ଦ୍ଧାରିତ ସ୍ଥାନରେ Community Toilet ନିର୍ମାଣ, ସାମାଜିକ ଏବଂ ଅର୍ଥନୈତିକ ଗଣନା କାର୍ଯ୍ୟକ୍ରମ (SECC) ଯଥାଶିଘ୍ର କାର୍ଯ୍ୟକାରୀ ହେଉଥିବା ପ୍ରକାଶ କରିଥିଲେ । ନିଗମର ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ବଜେଟ ପ୍ରସ୍ତୁତ ନିମନ୍ତେ ନିଗମର ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଏବଂ ବିଶେଷ କରି ଟ୍ୟାକ୍ସେସନ ଏବଂ ଆକାଉଣ୍ଟସ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ପ୍ରଦାନ କରାଯାଇଥିବାରୁ, ସେଥିପାଇଁ ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଆସନ୍ତା ଆର୍ଥିକ ବର୍ଷରେ ନିଗମ ଅଧିନରେ ରହିଥିବା ସମସ୍ତ ଭୂସମ୍ପତିର ସୁରକ୍ଷା ନିମନ୍ତେ ପଦକ୍ଷେପ, ନିଗମ ଅଂଚଳରେ Housing Mission ଗଠନ Citizen Utility Centre ନିର୍ମାଣ, ବିଭିନ୍ନ ଓ୍ୱାର୍ଡ଼ ଓ୍ୱାରୀ ନିଗମର ଦେୟ ଆଦାୟର ବ୍ୟବସ୍ଥା, ହୋଡ଼ିଙ୍ଗ ପଦଶନର ସୁନିୟନ୍ତ୍ରଣ, ବକେୟା ଦେୟ ଗୁଡ଼ିକର Phasewise ପ୍ରଦାନର ବ୍ୟବସ୍ଥା କରାଯାଉଥିବା ପ୍ରକାଶ କରିଥିଲେ । ସେ ମଧ ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ଏ କଯୋଜନା ପ୍ରାପ୍ତ ପାଣ୍ଠିର ସୁବିନିଯୋଗ ନିମନ୍ତେ କୌଣସି ପରିସ୍ଥିତିରେ Diversion ନକରାଯିବାକୁ ସୂଚନା ଦେଇଥିଲେ । ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ କାଉନସିଲର ଅନୁମୋଦନ କ୍ରମେ ବିଭିନ୍ନ ଗୃହ ଟିକସର ହାରରେ ବୃଦ୍ଧି କରାଯାଇଥିବାରୁ, ଏ ଦିଗରେ ଯଥାଶିଘ୍ର ପୁନଃ ଆକଳନ କରାଯାଇ ଗୃହ ଟିକସ ଆଦାୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥବବା ମଧ ପ୍ରକାଶ କରିଥିଲେ । ଭଗତ ହଷ୍ଟେଲକୁ ଜବରଦଖଲ ମୁକ୍ତ କରାଯାଇ ଏହାର ସୁବିନିଯୋଗ କରାଯିବାକୁ ସେ ମଧ ପ୍ରତିଶୃତି ପ୍ରଦାନ କରିଥିଲେ । ପ୍ରୋଜେକ୍ଟ ସମ୍ମାନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥବବା ସେ ପ୍ରକାଶ କରିଥିଲେ ।

ଗତ ତା ୨୭.୦୨.୨୦୧୫ରିଖ ନିଗମର ସ୍ୱତନ୍ତ୍ର ଅଧିବେଶନରେ କଟକ ମହାନଗର ନିଗମର ଆସନ୍ତା ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ଉପସ୍ଥାପନ କରାଯାଇଥିବା ବଜେଟ ସମ୍ପର୍କରେ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା ଆଲୋଚନାକୁ ଅନୁଧାନ କରାଯାଇ, ଆବଶ୍ୟକୀୟ ସଂଶୋଧନ ସହ ନିଗମର ସମ୍ପୂର୍ଣ୍ଣ ବଜେଟକୁ ସର୍ବସମ୍ମତି କ୍ରମେ ଗୃହିତ କରାଗଲା ।

ଏହାପରେ ଏହି ବଜେଟକୁ ସମସ୍ତ ସଦସ୍ୟ / ସଦସ୍ୟା ମାନେ ସମର୍ଥନ କରିଥିବାରୁ, ବୈଠକରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ / ସଦସ୍ୟା, ଉପସ୍ଥିତ ଥିବା ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ମାନଙ୍କୁ ମାନ୍ୟବର ମେୟର ତଥା ଗୃହର ଅଧକ୍ଷା କୃତଜ୍ଞତା ଜ୍ଞାପନ କରିଥିଲେ । ମାନ୍ୟବର ଡ଼େପୁଟି ମେୟର ତଥା ଅଧକ୍ଷ ଟ୍ୟାକ୍ସେସନ ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଙ୍ଗ କମିଟି ଏବଂ ଏହାର ସମସ୍ତ ସଦସ୍ୟ / ସଦସ୍ୟା ତଥା ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କ ଦ୍ୱାରା ବଜେଟର ସମସ୍ତ ଦିଗକୁ ପର୍ଯ୍ୟାଲୋଚନା ଏବଂ ପୁଙ୍ଖାନୁପୁଙ୍ଖ ଅନୁଧାନ କରାଯାଇ ଏକ ଲୋକାଭିମୁଖି ବଜେଟ କାଉନସିଲର ଅନୁମୋଦନ ଲାଭ କରିଥିବାରୁ, ମାନ୍ୟବର ମେୟର ସମସ୍ତଙ୍କୁ ଧନ୍ୟବାଦ ମଧ ଜ୍ଞାପନ କରିଥିଲେ । ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ବିଭିନ୍ନ ସଦସ୍ୟ / ସଦସ୍ୟା ମାନେ ପ୍ରଦାନ କରିଥିବା ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ କରାଯିବା ସଙ୍ଗେ ସଙ୍ଗେ, ଏ ଦିଗରେ ସମସ୍ତ କର୍ପୋରେଟର ମାନଙ୍କର ସହଯୋଗ ଏବଂ ନିଗମର ସମସ୍ତ ଅଧିକାରୀ ତଥା କର୍ମଚାରୀ ମାନେ ନିଷ୍ଠାର ସହ

କାର୍ଯ୍ୟ କରିବାକୁ ସେ ମଧ୍ୟ ପରାମର୍ଶ ଦେଇଥିଲେ । ଏହାପରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ ସହ ସଭାସାଙ୍ଗ କରାଯାଇଥିଲା ।

ସର୍ବଶେଷରେ ଉପସ୍ଥିତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ, ମାନ୍ୟବର ଡେ଼ପୁଟି ମେୟର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପରେ, ସଭା ସାଙ୍ଗ କରାଯାଇଥିଲା ।

**ସ୍ୱା-ଅନିତା ବେହେରା**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ ୮୮୯ ତା ୨୪.୦୪.୨୦୧୫

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୮୯୦ ତା ୨୪.୦୪.୨୦୧୫

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୮୯୧ ତା ୨୪.୦୪.୨୦୧୫

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର / ଡେ଼ପୁଟି କମିଶନର-୧ / ଡେ଼ପୁଟି କମିଶନର-୨ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୮୯୨ ତା ୨୪.୦୪.୨୦୧୫

ଏହାର ଏକ କିତା ନକଲ ଡେ଼ପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ,କଟକ